# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ...1272.........../ ତା. ....11.4.23........../

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ଷ୍ଟଲ ଗୁଡିକ ଲଟେରି ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ଅମାନତ ରାଶିକୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **Executive Officer, Subarnapur Municipality** ଙ୍କ ନାମରେ ଜମାଦେବେ । ତା.୨୧.୦୪.୨୦୨୩ ୧୨.୦୦ଘ ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ପତ୍ର ଓ ଡ୍ରାଫ୍ଟ Regd. Post/ Courier/Speed Post କିମ୍ବା ବ୍ୟକ୍ତିଗତ ଭାବେ କାର୍ଯ୍ୟାଳୟରେ ଦାଖଲ କରିବେ । ତା.୨୪.୦୪.୨୦୨୩ ଦିବା ୧୧.୦୦ଘ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଲଟେରି କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ଓ ସର୍ତ୍ତାବଳୀ ନିମ୍ନରେ ଦିଆଗଲା । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବେ ସେମାନେ ସୋନପୁର ପୌର ପରିଷଦରୁ ଟ.୨୦୦/- ଦାଖଲ କରି ନିର୍ଦ୍ଧାରୀତ ଦରଖାସ୍ତ ରେ ନିଜର ସଂପୂର୍ଣ୍ଣ ବିବରଣୀ ସହିତ କାର୍ଯ୍ୟାଳୟରେ ଦାଖଲ କରିବେ ।

| କ୍ର. ନଂ | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡା |
|---|---|---|---|---|---|
| ୧ | ବ୍ଲକ ଛକ, ମାର୍କେଟ କଂପ୍ଲେକ୍ସ (ପି.ଡି ବାସଗୃହ ପାର୍ଶ୍ୱ), ସୋନପୁର | ୧୪' X ୧୦' (ଉପରମହଲା ୭ ଗୋଟି) କ୍ର.ନଂ. ୧୯,୨୦,୨୪, ୩୦, ୩୧,୩୨, ଓ ୩୩ | ୩,୯୪,୦୦୦/- | ୧,୦୦,୦୦୦/- | ୨୪୦୦/- |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଲଟେରିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଲଟେରିରେ ଯେଉଁମାନେ ସଫଳ ହେବେ ସେମାନେ ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଏକକାଳିନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମାକରି ଚୁକ୍ତିନାମା ସାକ୍ଷର କରିବେ । ଧାର୍ଯ୍ୟ ମୂଲ୍ୟ ସମୟ ସୀମା ମଧ୍ୟରେ ଜମା ନ କରିବା କ୍ଷେତ୍ରରେ ତାଙ୍କର ଚୟନକୁ ଖାରଜ କରାଯିବ ଏବଂ ପ୍ରତୀକ୍ଷା ସୂଚୀରୁ ପରବର୍ତ୍ତି ବ୍ୟକ୍ତିଙ୍କୁ ଚୟନ କରାଯିବ । ଅବଶିଷ୍ଟ ଧାର୍ଯ୍ୟ ମୂଲ୍ୟ ଜମା ପାଇଁ କୌଣସି ସମୟ ସୀମା ବୃଦ୍ଧି ଆବେଦନକୁ ଗ୍ରହଣ କରାଯିବ ନାହିଁ ।

୪. ନିମ୍ନସାକ୍ଷରକାରୀ ଯେକୌଣସି ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଲଟେରିରେ ଅଂଶ ଗ୍ରହଣ କରିପାରିବେ । ଗୋଟିଏ ପରିବାରର ଏକାଧିକ ଆବେଦନ ଆସିଥିଲେ କିମ୍ବା ସମାନ ବ୍ୟକ୍ତି ଏକାଧିକ ଆବେଦନ କରିଥିଲେ କେବଳ ଗୋଟିଏ ମାତ୍ର ଆବେଦନକୁ ଗ୍ରହଣ କରାଯିବ ଏବଂ ଅନ୍ୟ ସମସ୍ତ ଆବେଦନକୁ ବାତିଲ କରାଯିବ ।

୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡାରେ ଲଗାଇପାରିବେ ନାହିଁ । ହସ୍ତାନ୍ତର କିମ୍ବା ଭଡା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମାଟଙ୍କା ବାଜ୍ୟାପ୍ତି କରାଯିବ ।

୭. ଯେଉଁ ବ୍ୟକ୍ତି ମାନେ ପୂର୍ବରୁ ପୌର ପରିଷଦ ଅଧିନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

୮. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଲଟେରି ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୯. ଲଟେରି ସଂକ୍ରାନ୍ତିୟ ବିଶଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

୧୦.ଆବେଦନକାରୀ ଯଦି କୌଣସି ଭୁଲ ବା ମିଥ୍ୟା ତଥ୍ୟ ଦେଇଥିବାର ଜଣାପଡେ ତେବେ ତାଙ୍କ ଆବଣ୍ଟନକୁ ବାତିଲ କରାଯିବ ।

11/04/2022.

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପତ୍ରାଙ୍କ 1273 ତାରିଖ 11.4.23

ଏହାର ଏକକିତା ଅବିକଲ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଦୁଇ ଗୋଟି ସମ୍ବାଦପତ୍ରରେ ........ ଓ ........(ସମ୍ବଲପୁର ପ୍ରକାଶନ) ଆସନ୍ତା କାଲି ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

11/04/23

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପରିପତ୍ରାଙ୍କ 1274 ତାରିଖ 11.4.23

ଏହାର ଏକକିତା ଅବିକଲ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

11/04/23

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ 1275 ତାରିଖ 11.4.23

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

11/04/23

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ 1276 ତାରିଖ 11.4.23

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

11/04/23

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ 1277 ତାରିଖ 11.4.23

ଏହାର ଏକକିତା ଅବିକଲ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

11/04/23

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ